# ବିଶ୍ୱ ଧରିତ୍ରୀ ଦିବସରେ 'ଆୱାର ପାୱାର, ଆୱାର ପ୍ଲାନେଟ'

ଭୁବନେଶ୍ୱର, ୨୩।୪(ସମିସ): ପରିବେଶ ସୁରକ୍ଷା ଅଭିଯାନ ଓ ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ ଅଫ ଇନଫର୍ମେସନ ଟେକନୋଲୋଜି ଆଣ୍ଡ ମ୍ୟାନେଜେମେଣ୍ଟର ମିଳିତ ଆନୁକୂଲ୍ୟରେ 'ବିଶ୍ୱ ଧରିତ୍ରୀ ଦିବସ' ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଇନଷ୍ଟିଚ୍ୟୁଟର ଡିନ ଡ. ଚିନ୍ମୟ କୁମାର ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ଦେବାସହ ସ୍ୱାଗତ ଭାଷଣ ରଖିଥିଲେ। ପରିବେଶ ସୁରକ୍ଷା ଅଭିଯାନର ଉପସଭାପତି ପ୍ରଫେସର କଲ୍ୟାଣୀ ମହାନ୍ତି, ସାଧାରଣ ସମ୍ପାଦକ ରଘୁନାଥ ପୃଷ୍ଟି, କୋଷାଧ୍ୟକ୍ଷା ନମିତା ମହାପାତ୍ର ଓ ଯୁଗ୍ମ ସମ୍ପାଦକ ଡ. ନାରାୟଣ ତ୍ରିପାଠୀ ଧରିତ୍ରୀ ଦିବସର ଏ ବର୍ଷର ଶୀର୍ଷକ 'ଆୱାର ପାୱାର, ଆୱାର ପ୍ଲାନେଟ' ଉପରେ ଆଲୋଚନା କରିଥିଲେ। ଏହାସହ ପରିବେଶର ଅନ୍ୟାନ୍ୟ ଦିଗ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଶେଷରେ ଇନଷ୍ଟିଚ୍ୟୁଟର ପ୍ରଫେସର ବିଶ୍ୱବିହାରୀ ଦାସ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।